# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 16 June – 2024

---

# ମନ୍ତ୍ରିମଣ୍ଡଳ-ବିଭାଗ ବଣ୍ଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ମନ୍ତ୍ରିମଣ୍ଡଳର ବିଭାଗ ବଣ୍ଟନ କରିଛନ୍ତି । ରାଜ୍ୟପାଳ ରଘୁବର ଦାସଙ୍କ ଅନୁମୋଦନ କ୍ରମେ ଗତକାଲି ଏନେଇ ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୃହ, ଅର୍ଥ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ, ଯୋଜନା ଓ ସଂଯୋଜନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ନିଜ ପାଖରେ ରଖିଛନ୍ତି । ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସହିତ ଶକ୍ତି ବିଭାଗ ଦାୟିତ୍ୱ ଦିଆଯାଇଥିବାବେଳେ, ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ମହିଳା ଓ ଶିଶୁବିକାଶ, ମିଶନଶକ୍ତି ଓ ପର୍ଯ୍ୟଟନ ବିଭାଗ ଦାୟିତ୍ୱ ମିଳିଛି । କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ମଧ୍ୟରୁ ସୁରେଶ ପୂଜାରୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ରବିନାରାୟଣ ନାଏକଙ୍କୁ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ, ନିତ୍ୟାନନ୍ଦ ଗଣ୍ଡଙ୍କୁ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଏବଂ ସଂଖ୍ୟାଲଘୁ, ସାମାଜିକ ନ୍ୟାୟ ଓ ସଶକ୍ତିକରଣ, କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି, ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଆଇନ୍, ପୂର୍ତ୍ତ ଓ ଅବକାରୀ

ବିଭାଗ ମିଳିଛି । ସେହିଭଳି ଡକ୍ଟର ମୁକେଶ ମହାଲିଙ୍ଗଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା, ବିଭୁତି ଭୂଷଣ ଜେନାଙ୍କୁ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି, କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଗୃହ ଓ ନଗର ଉନ୍ନୟନ ସାଧାରଣ ଉଦ୍ୟୋଗ ବିଭାଗ ଦିଆଯାଇଛି । ଅନ୍ୟପକ୍ଷରେ ୫ଜଣ ରାଷ୍ଟ୍ରମନ୍ତ୍ରୀଙ୍କୁ ଜଙ୍ଗଲ, ଉଚ୍ଚଶିକ୍ଷା, ସମବାୟ, ହସ୍ତତନ୍ତ, ମତ୍ସ୍ୟ ଓ ପଶୁ ସମ୍ପଦ, ବୈଷୟିକ ଶିକ୍ଷା ବିଭାଗଗୁଡ଼ିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ-ସମ୍ବଲପୁର

ସମ୍ବଲପୁରକୁ ଏକ ଜ୍ଞାନ ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳ କରିବା ପାଇଁ ସଂକଳ୍ପ ନେବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ପ୍ରଧାନ ଗତକାଲି ତାଙ୍କର ସଂସଦୀୟ କ୍ଷେତ୍ର ସମ୍ବଲପୁର ଗସ୍ତରେ ଆସି ଅଧିଷ୍ଠାତ୍ରୀ ଦେବୀ ମା’ ସମଲେସ୍ୱରୀଙ୍କ ଦର୍ଶନ କରିଥିଲେ । ସାଂସଦ ଭାବେ ନିର୍ବାଚିତ ହେବା ପରେ ପ୍ରଥମଥର ପାଇଁ ସମ୍ବଲପୁର ଗସ୍ତରେ ଆସି ଶ୍ରୀ ପ୍ରଧାନ କହିଛନ୍ତି ସମ୍ବଲପୁରକୁ ଏକ ଅଗ୍ରୀଣ ଅଞ୍ଚଳ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ।

## ପୂର୍ବତନ ରାଜ୍ୟପାଳ-ଦେହାନ୍ତ

ଓଡ଼ିଶାର ପୂର୍ବତନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କର ୯୬ ବର୍ଷ ବୟସରେ ଗତକାଲି ପରଲୋକ ହୋଇଯାଇଛି । ସ୍ୱର୍ଗତଃ ଭଣ୍ଡାରେ

୨୦୦୭ ମସିହା ଅଗଷ୍ଟ ମାସ ୨୧ ତାରିଖରୁ ୨୦୧୩ ମସିହା ମାର୍ଚ୍ଚ ମାସ ୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟପାଳ ଥିଲେ । ପୂର୍ବତନ ରାଜ୍ୟପାଳ ଶ୍ରୀ ଭଣ୍ଡାରେଙ୍କର ବିୟୋଗରେ ରାଜ୍ୟପାଳ ରଘୁବର ଦାସ ଗଭୀର ଶୋକପ୍ରକାଶ କରିଛନ୍ତି ।

## ଆୟକାରୀ ଷ୍ଟେସନ-ଓଡ଼ିଶା

ପୂର୍ବତଟ ରେଳପଥର ସର୍ବାଧିକ ଆୟ କରୁଥିବା ୨୦ଟି ଷ୍ଟେସନ ତାଲିକାରେ ପ୍ରଥମ ୫ଟି ଷ୍ଟେସନ ମଧ୍ୟରୁ ୪ଟି ଷ୍ଟେସନ ଓଡ଼ିଶାରେ ସ୍ଥାନ ପାଇଛି । ଗତ ଆର୍ଥିକ ବର୍ଷରେ ୨୦୨୩ ମସିହା ଏପ୍ରିଲ ମାସ ୧ ତାରିଖରୁ ୨୦୨୪ ମସିହା ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ଭୁବନେଶ୍ୱର ରେଳଷ୍ଟେସନ ୪୯୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରି ଦ୍ୱିତୀୟ ସର୍ବାଧିକ ଆୟ କରୁଥିବା ଷ୍ଟେସନ ସ୍ଥାନ ପାଇଛି । ପୂର୍ବତଟ ରେଳବାଇର ବିଶାଖାପାଟନମ ରେଳ ଷ୍ଟେସନ ସର୍ବାଧିକ ଆୟ ତାଲିକାରେ ପ୍ରଥମ ସ୍ଥାନରେ ରହିଥିବା ଏକ ସୂଚନା ଅଧିକାର ତଥ୍ୟରୁ ଜଣାପଡିଛି । ଗତ ଆର୍ଥିକ ବର୍ଷରେ ପୁରୀ ତୃତୀୟ, ବ୍ରହ୍ମପୁର ଚତୁର୍ଥ ଏବଂ କଟକ ପଞ୍ଚମ ସର୍ବାଧିକ ଆୟକାରୀ ଷ୍ଟେସନ ତାଲିକାରେ ରହିଥିବା ଜଣାପଡିଛି ।

## ରେଳ ମନ୍ତ୍ରଣାଳୟ-ଲିମ୍‌କା ବୁକ୍ ରେକର୍ଡ

ଜନସେବା କାର୍ଯ୍ୟକ୍ରମରେ ଅଧିକ ଲୋକଙ୍କୁ ଏକତ୍ରିତ କରିବା ଲାଗି ଭାରତୀୟ ରେଳ ମନ୍ତ୍ରଣାଳୟକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ

ମିଳିଛି । ରେଳ ମନ୍ତ୍ରଣାଳୟ ଗତ ଫେବୃୟାରୀ ମାସ ୨୬ ତାରିଖରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମରେ ୨ହଜାର ୧୪୦ଟି ସ୍ଥାନରେ ୪୦ଲକ୍ଷ ୧୯ହଜାର ୫୧୬ଜଣ ଲୋକ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସଡ଼କ ଉପରେ ରେଳ ଓଭରବ୍ରିଜ୍ ଏବଂ ସଡ଼କ ତଳେ ରେଳ ଅଣ୍ଡର ବ୍ରିଜ୍ ଉଦ୍‌ଘାଟନ ଏବଂ ରେଳ ଷ୍ଟେସନର ଶିଳାନ୍ୟାସ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଭାରତୀୟ ରେଳ ମନ୍ତ୍ରଣାଳୟର ଲୋକମାନଙ୍କର ଏକତ୍ରିକରଣ କାର୍ଯ୍ୟକ୍ରମକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍‌ସରେ ସାମିଲ କରାଯାଇଛି ।

## ବିଏଡ୍ ପ୍ରବେଶିକା ପରୀକ୍ଷା

ଜାତୀୟ ଶିକ୍ଷକ, ଅନୁସନ୍ଧାନ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ-ଏନ୍.ସି.ଆର୍.ଟିର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆଜି ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ପରୀକ୍ଷା ହେଉଛି । ସକାଳ ୯ଟାରୁ ଆରମ୍ଭ ହେଉଥିବା ବିଏଡ୍ ଏବଂ ଏମ୍‌ଏଡ୍‌ର ପାଠ୍ୟକ୍ରମ ପାଇଁ ଦେଶର ୨୯ଟି ସହରର ୫୮ଟି କେନ୍ଦ୍ରରେ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେଉଛି । ଚଳିତବର୍ଷ ଓଡ଼ିଶାର ୫ଟି ସ୍ଥାନରେ ଆଜି ଏହି ବିଏଡ୍ ପ୍ରବେଶିକା ହେଉଛି ।

## ପାଣିପାଗ

ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳ ଗୁଡ଼ିକରେ ଗ୍ରୀଷ୍ମ ପ୍ରବାହର ପରିମାଣ ଅଧିକ ରହୁଥିବା ପାଣିପାଗ ବିଭାଗର ସୂଚନାରୁ ଜଣାପଡିଛି । ରାଜ୍ୟର ୧୭ଟି

ସହରରେ ଗତକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀ ସେଲ୍‌ସିୟସରୁ ଅଧିକ ଥିଲା । ସୂଚନା ଅନୁସାରେ ସମ୍ବଲପୁର, ଝାରସୁଗୁଡା, ଅନୁଗୁଳ, ସୁନ୍ଦରଗଡ, ବଲାଙ୍ଗୀର, ସୋନପୁର, ବୌଦ୍ଧ ଏବଂ ନୂଆପଡାରେ ଆଜି ମଧ୍ୟ ଗ୍ରୀଷ୍ମପ୍ରବାହ ଜାରି ରହିବ । ଅନ୍ୟପକ୍ଷରେ ଆସନ୍ତାକାଲି ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷାର ସମ୍ଭାବନା ଅଛି । ଭୁବନେଶ୍ୱର ଏବଂ ଓଡ଼ିଶା ଉପକୂଳରେ ଚଳିତ ସପ୍ତାହର ଶେଷଆଡକୁ ମୌସୁମୀ ପହଞ୍ଚିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।

## ରଜ

ରାଜ୍ୟର କୃଷିଭିତ୍ତିକ ରଜପର୍ବର ତୃତୀୟ ଦିନରେ ଆଜି ମଧ୍ୟ ଆନନ୍ଦ ଉତ୍ସବର ସହିତ ପାଳନ କରାଯାଉଛି । ଆସନ୍ତାକାଲି ବସୁମତି ସ୍ନାନ ପାଳନ କରାଯାଇ ରଜ ପର୍ବ ଶେଷ ହେବ। ଗାଁଠାରୁ ସହର ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ଏଥିପାଇଁ ପ୍ରତିଯୋଗିତାମାନ ଅନୁଷ୍ଠିତ ହେଉଛି ।